ଟିପ୍ପଣୀ

# ଏକକ ୧୨: କର୍ମ ଶିକ୍ଷାର ଧାରଣା

**ସଂରଚନା**

୧୨.୦ ଉପକ୍ରମ

୧୨.୧ ଶିକ୍ଷଣ ଉଦ୍ଦେଶ୍ୟ

୧୨.୨. କର୍ମର ଅର୍ଥ ଏବଂ ଏହାର ବିଭିନ୍ନ ଅନୁଷ୍ଠାନ

୧୨.୩. ଶିକ୍ଷାରେ କର୍ମ

୧୨.୪. ସାରାଂଶ

୧୨.୫. ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୧୨.୬. ପାଠାନ୍ତ ପ୍ରଶ୍ନାବଳୀ

## ୧୨.୦ ଉପକ୍ରମ

"ମୁଁ କେବେ ସାକ୍ଷରତା ପୂଜାର୍ଚ୍ଚନାକୁ ପ୍ରଶଂସା କରିନାହିଁ, କେବଳ ସାକ୍ଷରତା ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ବୃଦ୍ଧି କରିପାରେ ନାହିଁ ତାହା ମୋ ଅଭିଜ୍ଞତା ପ୍ରମାଣିତ କରିଛି । ଶିକ୍ଷାକୁ କର୍ମ ସହ ଯୋଡ଼ିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମୋ ମତରେ ଶିଶୁମାନଙ୍କୁ ଶ୍ରମର ମର୍ଯ୍ୟାଦା ବିଷୟରେ ଶିକ୍ଷାଦାନ କରାଯିବା ଉଚିତ...ଶରୀରର ଭିନ୍ନଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଯଥା-ହସ୍ତ, ପାଦ, ଚକ୍ଷୁ, କର୍ଣ୍ଣ ଏବଂ ନାକର ଉପଯୁକ୍ତ ବ୍ୟବହାର ଜରିଆରେ ମନର ବାସ୍ତବ ଶିକ୍ଷା ସମ୍ଭବ । ଅନ୍ୟ ଶବ୍ଦରେ କହିଲେ, ଇନ୍ଦ୍ରିୟଗୁଡ଼ିକର ବୌଦ୍ଧିକ ବ୍ୟବହାର ଶିଶୁର ବୁଦ୍ଧି ବିକାଶର ଶ୍ରେଷ୍ଠ ଓ ସଂକ୍ଷିପ୍ତ ଉପାୟ ।"

ବୋଧହୁଏ ତୁମେ ଏହି କଥନ ସଂକ୍ରାନ୍ତରେ ପରିଚିତ ଥିବ- 'ସୂର୍ଯ୍ୟୋଦୟ ସହ ସମଗ୍ର ପୃଥିବୀ ଚଳଚଞ୍ଚଳ ହୋଇଉଠନ୍ତି' । ଯଦି ଆମେ ଏହି ଉକ୍ତିକୁ ସାମ୍ପ୍ରତିକ ଦୃଶ୍ୟପଟରେ କହିବା ତାହା ଏହିପରି ହେବ- ଦିନ ହେଉ ଅବା ରାତି ପୃଥିବୀ ସର୍ବଦା ଚଳଚଞ୍ଚଳ ।

ଉଭୟ କଥନରେ ଥିବା 'ଚଳଚଞ୍ଚଳ' ଶବ୍ଦର ଅର୍ଥ ତୁମେ କ'ଣ ବୁଝୁଛ ? ନିଃସନ୍ଦେହରେ ତୁମ ମତରେ ଏହାର ଅର୍ଥ ହେଲା କୌଣସି କ୍ରିୟାକଳାପରେ ବା କାର୍ଯ୍ୟରେ ବ୍ୟସ୍ତ ରହିବା । ସବୁ ଜୀବିତ ବ୍ୟକ୍ତି ବା ପ୍ରାଣୀଙ୍କ ପାଇଁ କାର୍ଯ୍ୟ ବିଶେଷକରି ଶାରୀରିକ ଶ୍ରମ ଗୁରୁତ୍ୱପୂର୍ଣ୍ଣ କ୍ରିୟାକଳାପ ଅଟେ । ଦୈନନ୍ଦିନ ଜୀବନରେ ଲୋକମାନେ ସେମାନଙ୍କ ପରିବେଷ୍ଟନୀରେ ଭିନ୍ନଭିନ୍ନ କ୍ରିୟାକଳାପ ସମ୍ପାଦନ କରୁଥିବା ଏବଂ ସେମାନେ ନିଶ୍ଚିତଭାବେ ନିଜକୁ କୌଣସି ନା କୌଣସି କାର୍ଯ୍ୟରେ ନିୟୋଜିତ ରଖିଥିବା ତୁମେ ନିଶ୍ଚୟ ଲକ୍ଷ୍ୟ କରିଥିବ । କର୍ମର ଅର୍ଥ କ'ଣ ? କାହିଁକି କର୍ମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ? ଚାଲ ଏହିସବୁ ପ୍ରଶ୍ନଗୁଡ଼ିକର ଉତ୍ତର ଏହି ଏକକରେ ଖୋଜିବାକୁ ପ୍ରଚେଷ୍ଟା କରିବା । ଏହି ଏକକ ଜରିଆରେ ଆମେ ମାନବ ଜୀବନ ସହ ଜଡ଼ିତ କର୍ମର ଅର୍ଥ ଜାଣିବା । କିପରି ଶାରୀରିକ ଶ୍ରମ ସହ ଜଡ଼ିତ କ୍ରିୟାକଳାପଗୁଡ଼ିକ ଶୈକ୍ଷିକ ଧାରଣାକୁ ସ୍ପଷ୍ଟ କରିବାରେ ସହାୟତା କରିଥାଏ ? ଏହି ଏକକ କର୍ମ ଓ ଶିକ୍ଷା ମଧ୍ୟରେ

ଟିପ୍ପଣୀ

ସମ୍ପର୍କକୁ ବର୍ଣ୍ଣନା କରେ । କର୍ମ ଶିକ୍ଷାର ସଜ୍ଞା କିପରି ନିରୂପିତ ହୋଇ ପାରିବ ? ଏହି ଏକକ କର୍ମ ଶିକ୍ଷାର ଉଦ୍ଦେଶ୍ୟ, ଗୁରୁତ୍ୱ ଓ ବିଭିନ୍ନ କ୍ଷେତ୍ରକୁ ବୁଝିବାକୁ ସ୍ପଷ୍ଟ କରେ ।

## ୧୨.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକର ଅଧ୍ୟୟନ ପରେ ତୁମେ :-

- ଶୈକ୍ଷିକ ସନ୍ଦର୍ଭରେ କାର୍ଯ୍ୟର ଧାରଣା ବିଷୟରେ ବୁଝିବାରେ ସକ୍ଷମ ହେବ ।
- ଶ୍ରମର ମର୍ଯ୍ୟାଦା ସହ ଅଭ୍ୟସ୍ତ ହେବ ।
- କର୍ମ ଏବଂ ଜୀବିକା, ଆନନ୍ଦ, ସନ୍ତୁଷ୍ଟ ସହ ସମ୍ପର୍କର ବ୍ୟାଖ୍ୟା କରିବାରେ ସକ୍ଷମ ହେବ ।
- କର୍ମ ଶିକ୍ଷାର ଆବଶ୍ୟକତା, ଅର୍ଥ ଓ ଗୁରୁତ୍ୱ ଚିହ୍ନଟ କରି ପାରିବ ।
- କର୍ମ ଶିକ୍ଷାର ଦାର୍ଶନିକ, ସାମାଜିକ ଓ ଐତିହାସିକ ପ୍ରେକ୍ଷପଟକୁ ବୁଝିବାରେ ସକ୍ଷମ ହେବ ।
- କର୍ମ ଶିକ୍ଷାର ସାମ୍ପ୍ରତିକ ମହତ୍ୱପୂର୍ଣ୍ଣ ଦୃଷ୍ଟିକୋଣ ଏବଂ ଏହା ସହ ଯୋଡ଼ି ହୋଇଥିବା ଉପକଥାକୁ ବୁଝିବାରେ ସକ୍ଷମ ହେବ ।

## ୧୨.୨ କର୍ମର ଅର୍ଥ

ତୁମେ ସକାଳରୁ ସଂଧ୍ୟା ପର୍ଯ୍ୟନ୍ତ ଏବଂ ବେଳେବେଳେ ରାତିରେ ମଧ୍ୟ ନିଜକୁ ବିଭିନ୍ନ କ୍ରିୟାକଳାପରେ ବ୍ୟସ୍ତ ରଖୁଥିବ । ତୁମେ ଲକ୍ଷ୍ୟ କରିଥିବ କେତେକ କ୍ରିୟାକଳାପରେ ବିଭିନ୍ନ ଇନ୍ଦ୍ରିୟ ଜରିଆରେ ତୁମ ମସ୍ତିଷ୍କ ଅଧିକ ଚଳଚଞ୍ଚଳ ରହୁଛି ତ ଆଉ କେତେକରେ ତୁମ ହାତଗୋଡ଼ ଅଧିକ ଚଳଚଞ୍ଚଳ ରହୁଛି । ଯେତେବେଳେ ତୁମ ମନ ଅଧିକ କାର୍ଯ୍ୟକ୍ଷମ ରହୁଛି ତୁମେ ତାହାକୁ ମାନସିକ କାର୍ଯ୍ୟଭାବେ ବିଚାର କରିଥାଅ ଏବଂ ଯେତେବେଳେ ତୁମ ହାତଗୋଡ଼ ଅଧିକ କାର୍ଯ୍ୟକ୍ଷମ ରହୁଛି ତୁମେ ତାହାକୁ ଶାରୀରିକ କାର୍ଯ୍ୟ କୁହ । ଉଭୟ କର୍ମ ତୁମ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ, ଏହାର କାରଣ ହେଲା ଜୀବନର ଆବଶ୍ୟକତା ପୂରଣ ଏବଂ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପାଇଁ କାର୍ଯ୍ୟ ଆବଶ୍ୟକ । ବୋଧହୁଏ, ତୁମ ମନକୁ ପ୍ରଶ୍ନ ଆସୁଥାଇପାରେ ଯେ ମନ ଓ ହାତଗୋଡ଼ ପୃଥକ୍ ଭାବରେ କାର୍ଯ୍ୟ କରନ୍ତି କି ? ତୁମେ ନିଜକୁ ନିଜେ ପର୍ଯ୍ୟାଲୋଚନା କଲେ ଜାଣିପାରିବ ଯେ ତୁମେ ଯେତେବେଳେ ବଗିଚାରେ ଘାସ ବାଛୁଛ ସେତେବେଳେ ତୁମ ମସ୍ତିଷ୍କ ଅଧିକ କାର୍ଯ୍ୟ କରୁଛି ନା ତୁମ ହାତଗୋଡ଼ ଅଧିକ କାର୍ଯ୍ୟ କରୁଛି । ଉଭୟ ଚଳଚଞ୍ଚଳ ଥିବା ତୁମ ଉତ୍ତର ହେବ; ହାତଦ୍ୱୟ ଅଧିକ କାର୍ଯ୍ୟକ୍ଷମ ଥିଲେ ହେଁ ମସ୍ତିଷ୍କ ପରାମର୍ଶ ଦେଇଥାଏ । ନିଃସନ୍ଦେହରେ ତୁମେ ଉତ୍ତର ପାଇପାରିବ ଯେ ଶାରୀରିକ ଓ ମାନସିକ କାର୍ଯ୍ୟକୁ ପୃଥକ୍ ଭାବରେ ଦେଖାଯାଇ ପାରେ । ଶାରୀରିକ କାର୍ଯ୍ୟରେ ହାତଗୋଡ଼ର କାର୍ଯ୍ୟ ଅଧିକ ମାତ୍ର ମାନସିକ କାର୍ଯ୍ୟରେ ମସ୍ତିଷ୍କର ଶ୍ରମ ଅଧିକ । ଉଭୟଙ୍କ ସହ ସାମାଜିକ ମୂଲ୍ୟବୋଧ ଜଡ଼ିତ ।

ସାଧାରଣତଃ, ଅଧିକ ଶାରୀରିକ ପରିଶ୍ରମ ଆବଶ୍ୟକ କରୁଥିବା କ୍ରିୟାକଳାପକୁ କାର୍ଯ୍ୟ କୁହାଯାଏ । ନିଜ ପାଇଁ ଅଥବା ସାମାଜିକ ହିତ ଉଦ୍ଦେଶ୍ୟରେ ଯେକୌଣସି ଦିଗରେ କରାଯାଉଥିବା ଶାରୀରିକ ଶ୍ରମକୁ କାର୍ଯ୍ୟ ଭାବେ ବିଚାର କରାଯାଏ । ଶ୍ରମ ସହ ଜଡ଼ିତ ଆମର କେତେକ କ୍ରିୟାକଳାପ ଆମ ଆବଶ୍ୟକତା ପୂରଣ ସହ ଜଡ଼ିତ, ଅନ୍ୟପଟେ ଅନ୍ୟଗୁଡ଼ିକ ଆମ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସହ ଜଡ଼ିତ । ଆମ ସାମାଜିକ ଓ ଅର୍ଥନୈତିକ ଜୀବନରେ କେତେକ କ୍ରିୟାକଳାପ ପ୍ରଶାସନ ଓ ସଂଗଠନ ସହ ଏବଂ ଶେଷରେ ସବୁ କ୍ରିୟାକଳାପ ମାନବଜାତିର କଲ୍ୟାଣ ସହ ଜଡ଼ିତ । ଏଣୁ, କର୍ମ କହିଲେ ଶାରୀରିକ ଶ୍ରମ ସହ ସମ୍ପୃକ୍ତ ସେହି କ୍ରିୟାକଳାପ; ଯାହା ନିଜ ପାଇଁ, ସମାଜ ଓ ଅନ୍ୟ ଲୋକଙ୍କ ପାଇଁ ଆମ ଉତ୍ତରଦାୟିତ୍ୱକୁ ପୂରଣ କରିଥାଏ ।

ଟିପ୍ପଣୀ

## ୧୨.୨.୧ କର୍ମ ଓ ଶ୍ରମର ମହତ୍ୱ

ତୁମେ ଜାଣିଛ କି ବଡ଼ବଡ଼ ଉଦ୍ଭାବନଗୁଡ଼ିକ କିପରି ହୋଇଥିଲା ? ବୋଧହୁଏ, ତୁମମାନଙ୍କ ମଧ୍ୟରୁ କେତେକ କହିବ ଯେ ସମସ୍ତ ବୃହତ୍ ଉଦ୍ଭାବନଗୁଡ଼ିକ ଚିନ୍ତନର ଫଳ ଅଟନ୍ତି । ଯଦି ତୁମେ ଉଦ୍ଭାବନର ବିକାଶ ପ୍ରକ୍ରିୟା ଉପରେ ଧ୍ୟାନ ଦେବ ତୁମେ ଜାଣିପାରିବ ଯେ ଶାରୀରିକ ଶ୍ରମ ମାନସିକ ଶ୍ରମର ବହୁପୂର୍ବରୁ ନିହିତ । ଆଳସ୍ୟ ସିଦ୍ଧାନ୍ତ ପ୍ରସାର କରିଥିବା ବ୍ୟକ୍ତି ନିଶ୍ଚିତ ଭାବରେ କୂଅରୁ ପାଣି ବାହାର କରିଥିବ ବା ବୋଝ ବୋହିଥିବ । ସେହି ପରି, ନିଜର ଅଧିକାଂଶ ସମୟ ଭାରୀ ସାମଗ୍ରୀ ଉଠାଇବାରେ ଅଥବା ଅନ୍ୟ ଯେକୌଣସି ଶାରୀରିକ ଶ୍ରମ କରିବାରେ ବିନିଯୋଗ କରିଥିବା ଜଣେ ବ୍ୟକ୍ତିର ଶାରୀରିକ ପରିଶ୍ରମର ଫଳ ହିଁ ପୁଲି ସିଦ୍ଧାନ୍ତ । ହାତ ପମ୍ପ ନିଶ୍ଚିତ ଭାବେ ଜଣେ ଶ୍ରମିକଙ୍କ ଅଭିଜ୍ଞତାର ଉତ୍ପାଦ । ଏହା ହେଉଛି ଶ୍ରମର ମହତ୍ୱ ପ୍ରସାର କରିବାରେ ଅନ୍ୟତମ ଆଭିମୁଖ୍ୟ । ଅନ୍ୟାନ୍ୟ ଆଭିମୁଖ୍ୟଗୁଡ଼ିକୁ ବୁଝିବା ପାଇଁ ତୁମ ଦୈନନ୍ଦିନ କାର୍ଯ୍ୟ ନିର୍ଘଣ୍ଟର ସମୀକ୍ଷା କର ଏବଂ ନିଜକୁ ଏହିପରି ପ୍ରଶ୍ନ ପଚାର:-

- ତୁମେ ବାସ କରୁଥିବା ଗୃହ ନିର୍ମାଣରେ କେଉଁମାନଙ୍କ ଶ୍ରମ ସାମିଲ ? କିଏ ଇଟା, ସିମେଣ୍ଟ ତିଆରି କରିଛନ୍ତି ଓ ଏକ କାନ୍ଥ ନିର୍ମାଣରେ ସେଗୁଡ଼ିକୁ ଯୋଡେଇରେ ଏବଂ ଛାତର ସ୍ଲାବ୍ ଓ ଚୂନ ଧଉଳା କାର୍ଯ୍ୟ କରିଛନ୍ତି ?

-ପନିପରିବା ଚାଷ ଓ ସେସବୁକୁ ଆମ ନିକଟରେ ପହଞ୍ଚାଇ ଆମକୁ ଖାଦ୍ୟ ଯୋଗାଣରେ କେଉଁମାନଙ୍କ ଶ୍ରମ ସାମିଲ ?

-ସର୍ବସାଧାରଣ ସ୍ଥାନ ଓ ଆମ ଗୃହକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ କିଏ ଶ୍ରମଦାନ କରନ୍ତି ?

ଜଣେ ବ୍ୟକ୍ତିଙ୍କ ପାରିବାରିକ ଜୀବନ, ସାମାଜିକ ଅଥବା ବ୍ୟାବହାରିକ ଜୀବନ, ଏହି ସମସ୍ତ ଦିଗ ଶାରୀରିକ ଶ୍ରମ ଶ୍ରେଣୀ ଅନ୍ତର୍ଭୁକ୍ତ । ତୁମେ ଲକ୍ଷ୍ୟ କରିଥିବ ଆମ ଦୈନନ୍ଦିନ କାର୍ଯ୍ୟ ସାରଣୀରେ ଅଧିକାଂଶ ମୁହୂର୍ତ୍ତ ରହିଛି ଯାହାକୁ ଆମେ ଶାରୀରିକ ଶ୍ରମରୁ ପୃଥକ୍ କରିପାରିବା ନାହିଁ । ମଣିଷ ନିଜ ଶାରୀରିକ ଶ୍ରମ ଉପରେ ନିର୍ଭରଶୀଳ, ଶାରୀରିକ ଶ୍ରମ ସହ ପ୍ରତ୍ୟକ୍ଷ ଭାବରେ ସଂଯୁକ୍ତ ନଥିବା ଲୋକମାନେ ଏହା ବିନା ତିଷ୍ଠି ପାରିନଥାନ୍ତି । ସେମାନଙ୍କ ବାସସ୍ଥାନ, ଖାଦ୍ୟ ବ୍ୟବସ୍ଥା, ସେମାନେ ପରିଧାନ କରୁଥିବା ବସ୍ତ୍ର, ସେମାନେ ବ୍ୟବହାର କରୁଥିବା ସାମଗ୍ରୀ ଏବଂ ସେମାନେ ଚାଲୁଥିବା ରାସ୍ତା ଇତ୍ୟାଦି କାହାର ଶାରୀରିକ ଶ୍ରମର ସୁଫଳ । ଏହାର ଅର୍ଥ ହେଲା କାର୍ଯ୍ୟ ଓ ମାନବ ଜୀବନକୁ ଦୁଇଟି ପୃଥକ ଜିନିଷ ଭାବରେ ଗ୍ରହଣ କରାଯାଇ ପାରିବନାହିଁ । ମାନବ ଜୀବନ ପାଇଁ ଶାରୀରିକ ଶ୍ରମ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । କିଛି ଲୋକଙ୍କ ପାଇଁ ଏହା ଜୀବିକା ଅର୍ଜନର ମାଧ୍ୟମ ହୋଇଥିଲା ବେଳେ ଆଉ କିଛି ଲୋକଙ୍କ ପାଇଁ ଏହା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ମାଧ୍ୟମ ।

## ୧୨.୨.୨ କର୍ମ ଓ ଜୀବିକା

କର୍ମ ଓ ଜୀବିକାର ସମ୍ପର୍କ ନିବିଡ଼ । ଏହି ସମ୍ପର୍କକୁ ବୁଝିବା ପୂର୍ବରୁ 'ଜୀବିକା' କ'ଣ ଜାଣିବା ଆବଶ୍ୟକ । ଆମେ କିପରି ଜୀବିକାର ସଂଜ୍ଞା ନିରୂପଣ କରିବା? ଜଣେ କମାର ଦିନକର କଠିନ ପରିଶ୍ରମ ଜରିଆରେ କୋଦାଳଗୁଡ଼ିକୁ ତିଆରି କରନ୍ତି ଏବଂ ଅର୍ଥ ପାଇବା ପାଇଁ ସେଗୁଡ଼ିକୁ ବିକ୍ରି କରନ୍ତି । (ପୂର୍ବରୁ ସେ ବଦଳ ବ୍ୟବସ୍ଥାରେ ଏହା ବଦଳରେ ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ଦରକାରୀ ସାମଗ୍ରୀ ପାଉଥିଲେ) । ଜଣେ ଚାଷୀ କଠିନ ପରିଶ୍ରମ କରି ଖାଦ୍ୟଶସ୍ୟ ଉତ୍ପାଦନ କରେ ଏବଂ ଏହାର କିଛି ଅଂଶ ନିଜ ପରିବାର ପାଇଁ ରଖେ ଓ ଅମଳର ଅବଶିଷ୍ଟ ଅଂଶ ବିକ୍ରି କରେ । ଜଣେ ବୁଣାକାର ବାଉଁଶରେ ସୁନ୍ଦର ଓ ଦରକାରୀ ସାମଗ୍ରୀ ତିଆରି କରନ୍ତି ଓ ନିଜ ଆବଶ୍ୟକତା ପୂରଣ ପାଇଁ ସେସବୁକୁ ବିକ୍ରି କରନ୍ତି । ରିକ୍ସାଚାଳକ ଖରା, ବର୍ଷା ଓ ଶୀତ ଋତୁରେ ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ନେଇଯାଏ ଏବଂ ବଦଳରେ କିଛି ଅର୍ଥ ପାଏ; ଯାହା ଫଳରେ ସେ କିଛି ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ପାଇଥାଏ । ଏହି ସବୁ ଉଦାହରଣଗୁଡ଼ିକ କ'ଣ ଦର୍ଶାଉଛନ୍ତି? ହଁ, ତୁମେ ଠିକ୍ ଧରିଛ । ରୋଜି ରୋଟି ଉଦ୍ଦେଶ୍ୟରେ ଶ୍ରମରେ ନିୟୋଜିତ ହେବା 'ଜୀବିକା'ର ପ୍ରତିଶବ୍ଦ ଅଟେ ।

ଭାରତରେ ସଂଖ୍ୟାବହୁଳ ଲୋକ ଶାରୀରିକ ଶ୍ରମକୁ ଆବଶ୍ୟକତା ପାଇଁ ଆପଣାଇଥାନ୍ତି । ଅର୍ଥ ଆଶାରେ କରାଯାଉଥିବା ଶ୍ରମ ଜୀବିକା ସହ ସଂଯୁକ୍ତ । ଏହି ଶ୍ରମର କେବଳ ଯେ ବିତ୍ତୀୟ ମୂଲ୍ୟ ରହିଛି ତା'ନୁହେଁ, ଏହାର ସାମାଜିକ ମୂଲ୍ୟବୋଧ ମଧ୍ୟ ରହିଛି । ଏହାର ବର୍ଣ୍ଣନା ନିମନ୍ତେ ତୁମେ କୌଣସି ଉଦାହରଣ ଦେଇପାରିବ କି ? ମନେକରାଯାଉ ତୁମେ ଜଣେ ବଢ଼େଇ ଭାବରେ କାର୍ଯ୍ୟ କରୁଛ । ଗୋଟିଏ ପଟେ ତୁମେ ତୁମର ବିତ୍ତୀୟ ଆବଶ୍ୟକତା ପୂରଣ ପାଇଁ ଅର୍ଥଲାଭ କରୁଛ, ଅନ୍ୟପଟେ ଏହା ତୁମ ଶ୍ରମ ଜରିଆରେ ଅନ୍ୟ ଲୋକମାନଙ୍କର ଆବଶ୍ୟକତା ପୂରଣ କରୁଛି । ଉଦାହରଣ ସ୍ୱରୂପ-କବାଟ, ଆସବାବପତ୍ର, କାଠ ସାମଗ୍ରୀ, ବେଲଣାବାଡ଼ି, ବାସନକୁସନ ଇତ୍ୟାଦି । ଏହା ତୁମ ପରିଶ୍ରମର ସାମାଜିକ ମୂଲ୍ୟ ଅଟେ । ଏହାର ଅର୍ଥ ହେଲା ତୁମେ କେବଳ ନିଜ ଦାୟିତ୍ୱ ସମ୍ପାଦନ କରୁନାହଁ, ତୁମେ ମଧ୍ୟ ତୁମ ସମାଜ ପାଇଁ ଦାୟୀ ଓ ସାମାଜିକ ଜୀବନରେ ଯୋଗଦାନ କରୁଛ । ପରିଶ୍ରମ ଜରିଆରେ ସମାଜ ପାଇଁ ଉତ୍ପନ୍ନ କରିବା ମାନବ ଜୀବନକୁ ସମୃଦ୍ଧ କରେ । ଆଉ ଏକ କଥା ଏଠାରେ ଗୁରୁତ୍ୱପୂର୍ଣ୍ଣ ହେଲା ରୋଷେଇ କରିବା, ବାସନ ମାଜିବା, ଲୁଗା ସଫା କରିବା ମଧ୍ଯ ଶ୍ରମ ଅନ୍ତର୍ଭୁକ୍ତ । ଜଣେ ଏହିସବୁ ପାଇଁ ପ୍ରତ୍ୟକ୍ଷଭାବେ କୌଣସି ମୂଲ୍ୟ ପାଇନଥାଏ, ମାତ୍ର ଏହା ପରିବାରର ସଦସ୍ୟମାନଙ୍କୁ ସୁବିଧା ଯୋଗାଏ ଏବଂ ସେମାନେ ସେମାନଙ୍କ ଜୀବିକା ଅର୍ଜନ ପାଇଁ ଶକ୍ତି ପାଆନ୍ତି ।

## ୧୨.୨.୩ କର୍ମ, ଖୁସି ଓ ସନ୍ତୋଷ

ଆମ ଦେଶର ସାମାଜିକ-ଅର୍ଥନୈତିକ ସ୍ଥିତି ତୁମକୁ ବେଶ୍ ଜଣା । ସଂଖ୍ୟାବହୁଳ ଲୋକ ଜୀବିକା ଅର୍ଜନ ପାଇଁ ଶ୍ରମ ସହ ସମ୍ପୃକ୍ତ । ସେମାନେ ଏହି କର୍ମ ସମ୍ପୂର୍ଣ୍ଣ ରୂପେ ଅର୍ଥ ପାଇଁ ସମ୍ପନ୍ନ କରନ୍ତି, ତା ତନ୍ମଧ୍ୟରୁ ସେମାନେ କିଛି ଖୁସିଲାଭ କରିଥାନ୍ତି ? କୁମ୍ଭାର ମାଟିପାତ୍ର ତିଆରି କରେ, ସେ ଏଥିରେ ବିଭିନ୍ନ ପ୍ରକାର ନକ୍ସା ଖୋଦେଇ କରେ । କେବଳ ଅର୍ଥ ପାଇବା ପାଇଁ ସେ ଏହା କରନ୍ତି କି ? ବୋଧହୁଏ ସେ ଏଥିରୁ ଆନନ୍ଦଲାଭ କରନ୍ତି । ଚାଷୀ  ଅମଳ ଦେଖି ଖୁସି ହୋଇଥାଏ; ଏହାର କାରଣ ହେଲା ସେ ତାଙ୍କ ଅମଳରୁ ଭଲ ପଇସା ପାଇବେ ଅଥବା ସେ ତାଙ୍କ ପରିଶ୍ରମର ଫଳକୁ ନେଇ ପ୍ରସନ୍ନ ହୁଅନ୍ତି ଏବଂ ଆନନ୍ଦିତ ହୁଅନ୍ତି ଯେ ତାଙ୍କ ଅମଳ ଅନେକ ଲୋକଙ୍କ କ୍ଷୁଧା ମେଣ୍ଟାଇବ ଏବଂ ଏହା ତାଙ୍କ ଶ୍ରମର ଫଳ । ଏହାର ଅର୍ଥ ହେଲା ଆନନ୍ଦ ଓ ସନ୍ତୋଷ ସହ ଶାରୀରିକ ଶ୍ରମର ସମ୍ପର୍କ ରହିଛି । ଶାରୀରିକ ଶ୍ରମ ଖୁସି, ସନ୍ତୋଷ ଏବଂ ଆନନ୍ଦର ନୂତନ ଚିନ୍ତନ ଉନ୍ମୁକ୍ତ କରାଏ । ଏହି ସନ୍ତୋଷର ସମ୍ପର୍କ ସମସ୍ତ ଜୀବିତ ବ୍ୟକ୍ତି ଏବଂ ସବୁ ବୟସର ଲୋକଙ୍କ ସହ ରହିଛି ।

ସୂର୍ଯ୍ୟୋଦୟ ସମୟରେ ପକ୍ଷୀମାନେ ସେମାନଙ୍କ ଖାଦ୍ୟ ନିମନ୍ତେ ଉଡ଼ିବା, କୌଣସି ଅପ୍ରତ୍ୟାଶିତ ପରିସ୍ଥିତିର ସମ୍ପର୍କରେ ସତର୍କ ରହିବାକୁ କୁକୁରମାନେ ଭୁକିବା, କେତେକ ପ୍ରାଣୀ ଶିକାର ଧରିବା ଉଦ୍ଦେଶ୍ୟରେ ଯିବା-ଏହି ସମସ୍ତ ସେମାନେ ନିଜନିଜର ସନ୍ତୋଷଲାଭ ପାଇଁ କରିଥାନ୍ତି । କ୍ଷୁଦ୍ର ଓ ବୃହତ୍ ମାଂସପେଶୀ ଉପଯୁକ୍ତଭାବରେ ବିକଶିତ ହୋଇନଥିବା ଛୋଟ ପିଲାମାନେ ମଧ୍ୟ ଜିନିଷ ଫିଙ୍ଗାଫିଙ୍ଗି କରି ଆନନ୍ଦଲାଭ କରନ୍ତି ଏବଂ ସେହିପରି ଶାରୀରିକ ଶକ୍ତି ହରାଇଥିବା ବୃଦ୍ଧବୃଦ୍ଧାମାନେ ମଧ୍ୟ ସେମାନଙ୍କ ଗୃହକୁ ଆସୁଥିବା ସବୁ ଲୋକଙ୍କ ଉପରେ ନଜର ରଖନ୍ତି ଏବଂ ପରିବା କାଟିଥାନ୍ତି- ଏହି ସମସ୍ତେ କ'ଣ ସେମାନଙ୍କ ଦାୟିତ୍ୱ ତୁଲାଇବା ପାଇଁ ଏହା ସମ୍ପାଦନ କରନ୍ତି ନା ଏଥିରୁ ସେମାନେ କୌଣସି ଆନନ୍ଦଲାଭ କରନ୍ତି ? ଏହି ପ୍ରକାର ଅନେକ ପ୍ରଶ୍ନ ତୁମ ମନରେ ଉଙ୍କି ମାରୁଥିବ । ତୁମେ ନିଶ୍ଚୟ ଗୋଟିଏ ଉତ୍ତର ପାଉଥିବ, ତାହାହେଲା  ଶାରୀରିକ ଶ୍ରମ  କେବଳ ଜୀବିକା ଅର୍ଜନ ପାଇଁ ଅଥବା ଦାୟିତ୍ୱ ପୂରଣ ପାଇଁ କରାଯାଏ । ଏହା ମଧ୍ୟ ଆଭ୍ୟନ୍ତରୀଣ ଖୁସି ଓ ସନ୍ତୁଷ୍ଟି ପାଇଁ କରାଯାଇଥାଏ । ତୁମେ ନିଶ୍ଚୟ ଶ୍ରମ ଦାନ ଅଭିଯାନ ସମ୍ପର୍କରେ ଶୁଣିଥିବ । ବେଳେବେଳେ ତୁମେ ମଧ୍ୟ କୌଣସି ବ୍ୟକ୍ତିଗତ ସ୍ୱାର୍ଥ ନଥାଇ କାର୍ଯ୍ୟ କରିଥିବ । ଶାରୀରିକ ଶ୍ରମ ଉତ୍ତମ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର କାରଣ ହୋଇଥିବାରୁ ଏହି ସମସ୍ତ କରାଯାଇଥାଏ; ଯାହା ପ୍ରତିବଦଳରେ ଆନନ୍ଦ ଓ ପରିତୃପ୍ତି ପ୍ରଦାନ କରେ । ଶ୍ରମ ଓ ସନ୍ତୋଷ ବିଷୟରେ ଅଧିକ ବୁଝିବା ପାଇଁ ଏକ ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ ଏକ ବିଦ୍ୟାଳୟର ଉଦାହରଣ ଦିଆଯାଇ ପାରେ ।

ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଏକ ଘରୋଇ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଏକ ପବ୍ଲିକ୍ ସ୍କୁଲ୍ ଥିଲା । ଏଠାକୁ ଆସୁଥିବା ଅଧିକାଂଶ ଛାତ୍ରଛାତ୍ରୀ ଧନୀକ ଶ୍ରେଣୀର ଥିଲେ; ଯେଉଁମାନେ ତାଙ୍କ ଦୈନନ୍ଦିନ ଜୀବନରେ ଶାରୀରିକ ଶ୍ରମ କରିବାର ସୁଯୋଗ ପାଇନଥାନ୍ତି । ଏହି ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ବିଦ୍ୟାଳୟ ବାହାରେ ଥିବା ଏକ ଇଟାଗଦାକୁ ଶ୍ରମିକଙ୍କ ପରି ଇଟା ବୋହିଲେ । ସେମାନଙ୍କ ପିତାମାତାଙ୍କର ଅନେକ ସଂଶୟ ଥିଲା ଯେ ସେମାନଙ୍କ ପିଲାମାନଙ୍କୁ ଶାରୀରିକ କାର୍ଯ୍ୟରେ ନିୟୋଜିତ କରାଯାଉଥିବାରୁ ସେମାନେ ରୋଗରେ ପଡ଼ିପାରନ୍ତି ବା ସଂକ୍ରମଣର ଶିକାର ହୋଇପାରନ୍ତି । ମାତ୍ର ଇଟା ବୋହିବା ପରେ ସେମାନେ ମନ ଓ ଶରୀରରେ ହାଲ୍‌କାଫୁଲ୍‌କା ଅନୁଭବ କରୁଥିବା ପିଲାମାନେ କହିଲେ । ଅନ୍ୟ ଦିନମାନଙ୍କ ତୁଳନାରେ ସେମାନେ ଅଧିକ କ୍ଲାନ୍ତି ଅନୁଭବ କରୁଥିଲେ ହେଁ ସେମାନେ ଏକ ପ୍ରକାରର ସନ୍ତୋଷଲାଭ କରୁଥିଲେ ।

ତୁମ ମତରେ ସେହି କର୍ମରେ ଖୁସି ଓ ସନ୍ତୁଷ୍ଟି ମଧ୍ୟରେ ନିବିଡ଼ ସମ୍ପର୍କ ରହିଛି ।

**ନିଜ ଅଗ୍ରଗତି ଆକଳନ -୧**

୧-ତୁମ ଦୈନନ୍ଦିନ ସମୟ ନିର୍ଘଣ୍ଟରେ ଶାରୀରିକ ଶ୍ରମ ସାମିଲ ଥିବା ଯେକୌଣସି ପା°ଟି କର୍ମର ତାଲିକା ପ୍ରସ୍ତୁତ କର ।

------------------------------------------------------------------------

------------------------------------------------------------------------

------------------------------------------------------------------------

------------------------------------------------------------------------

୨-ଶାରୀରିକ ଶ୍ରମର ମହତ୍ୱ ସ୍ପଷ୍ଟ କରିବା ନିମନ୍ତେ ଯେକୌଣସି ଦୁଇଟି ଉକ୍ତି ଲେଖ ।

------------------------------------------------------------------------

------------------------------------------------------------------------

------------------------------------------------------------------------

------------------------------------------------------------------------

୩-ଖୁସି ଓ ସନ୍ତୁଷ୍ଟି ସହ କର୍ମର କିପରି ଭାବରେ ସମ୍ପର୍କ ରହିଛି ବର୍ଣ୍ଣନା କର ।

ଶୂନ୍ୟସ୍ଥାନ ପୂରଣ କର:-

୧ - ଶାରୀରିକ ଶ୍ରମ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ......... ।

୨ - କର୍ମ କହିଲେ ------ ସମ୍ବନ୍ଧିତ ସମସ୍ତ କ୍ରିୟାକଳାପ ଯାହା ଜଣେ ବ୍ୟକ୍ତି ଓ ସମାଜର ଦାୟିତ୍ୱକୁ ପୂରଣ କରିଥାଏ ।

୩- ........... ଅଭିଜ୍ଞତା ବୈଜ୍ଞାନିକ ତତ୍ତ୍ୱ ପ୍ରଚାର କରିବାରେ ସାହାଯ୍ୟ କରେ ।

## ୧୨.୩. କର୍ମ ଶିକ୍ଷା

ଶିକ୍ଷା ବ୍ୟବସ୍ଥାରେ ଆମକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣିବାର ଅଛି । ହସ୍ତ ଜରିଆରେ ମସ୍ତିଷ୍କ ଶିକ୍ଷିତ ହେବା ଉଚିତ । ଯଦି ମୁଁ ଜଣେ କବି ହୋଇଥାନ୍ତି, ମୁଁ ସମସ୍ତ ପାଞ୍ଚ ଅଙ୍ଗୁଳିର ସମ୍ଭାବନା ସଂକ୍ରାନ୍ତରେ ଏକ କବିତା ଲେଖିଥାନ୍ତି । ତୁମେ କାହିଁକି ଭାବୁଛ ଯେ ମସ୍ତିଷ୍କ ସବୁକିଛି ଏବଂ ହାତଗୋଡ଼ କିଛି ନୁହେଁ ବୋଲି ? ନିଜ ହାତକୁ ତାଲିମ ପ୍ରଦାନ କରୁନଥିବା ଏବଂ ସାଧାରଣ ଶିକ୍ଷାଲାଭ କରିଥିବା ଲୋକମାନଙ୍କ ଜୀବନରେ ମୂର୍ଚ୍ଛନା ନଥାଏ । ସେମାନଙ୍କ ଶରୀରର ପ୍ରତ୍ୟେକ ଅଂଶ

ପ୍ରଶିକ୍ଷିତ ହୋଇନଥାନ୍ତି । ସେ ପୂର୍ଣ୍ଣରୂପେ ଏହା ଉପରେ ଧ୍ୟାନ କେନ୍ଦ୍ରିତ କରିପାରିବେ ବୋଲି କେବଳ ପୁସ୍ତକଲବ୍ଧ ଜ୍ଞାନ କୌତୁହଳ ଜାଗ୍ରତ କରିପାରେ ନାହିଁ । କେବଳ ପଠନ/ଶବ୍ଦ ଦ୍ୱାରା ପ୍ରଦତ୍ତ ଶିକ୍ଷା କ୍ଳାନ୍ତି ଆଣେ ଏବଂ ଶିଶୁର ମସ୍ତିଷ୍କ ବିକ୍ଷିପ୍ତ ହୋଇଥାଏ ।

(ଶିକ୍ଷକ ପ୍ରଶିକ୍ଷାର୍ଥୀଙ୍କ ସହ ମହାତ୍ମା ଗାନ୍ଧିଙ୍କ ବାର୍ତ୍ତାଳାପ । ହରିଜନ, ୧୮ ଫେବୃଆରୀ ୧୯୩୯)

ଉପରେ ପ୍ରଦତ୍ତ ଗାନ୍ଧିଜୀଙ୍କ ଉକ୍ତିକୁ ତୁମେ ପାଠକର । କ'ଣ ପରାମର୍ଶ ଦେବାକୁ ଗାନ୍ଧିଜୀ ପ୍ରଚେଷ୍ଟା କରିଛନ୍ତି ଜାଣି ତୁମେ ଆଶ୍ଚର୍ଯ୍ୟ ହେବ । ଶାରୀରିକ ଶିକ୍ଷା ଶିକ୍ଷାର ବାଧ୍ୟତାମୂଳକ ଅଙ୍ଗ ହେବା ସେ ଚାହାଁନ୍ତି । କର୍ମ ଆଧାରିତ ଶିକ୍ଷା ନିମନ୍ତେ ଅନେକ ସମାଜବିଜ୍ଞାନୀ ଓ ଶିକ୍ଷାବିତ୍ ସୁପାରିଶ କରିଛନ୍ତି ଏବଂ ଅନେକ କର୍ମ ଆଧାରିତ ଶୈକ୍ଷିକ କାର୍ଯ୍ୟକ୍ରମ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ଆରମ୍ଭ ହୋଇଛି । ବାସ୍ତବରେ ଉତ୍ପାଦନଶୀଳ କାର୍ଯ୍ୟ ଜଣେ ବ୍ୟକ୍ତିର ଜୀବନର ବିଭିନ୍ନ ସ୍ଥିତିରେ ସବୁଠାରୁ ପ୍ରମୁଖ ଶିକ୍ଷକ; ଯାହା କେବଳ ଜ୍ଞାନ ବୃଦ୍ଧି କରିନଥାଏ, ଏହା ଜଣେ ବ୍ୟକ୍ତିର କ୍ଷମତା ଓ ମୂଲ୍ୟବୋଧର ବିକାଶ ମଧ୍ୟ କରିଥାଏ । ଭିନ୍ନଭିନ୍ନ ଗବେଷଣା ଦ୍ୱାରା ଏହା ଆବିଷ୍କୃତ ହୋଇଛି ଯେ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ କାର୍ଯ୍ୟ ସହ ସମ୍ବନ୍ଧିତ ହୋଇନଥିବା ବିଦ୍ୟାଳୟ ଶିକ୍ଷା ସମାପ୍ତ ପରେ ଅଧିକାଂଶ ବିଦ୍ୟାର୍ଥୀ ବାସ୍ତବ ଜୀବନରେ ବିଫଳ ହୋଇଥାନ୍ତି । ସେମାନେ ଏପରିକି ପାଠ୍ୟପୁସ୍ତକଗତ ଜ୍ଞାନଲାଭ କରିବାରେ ଅକ୍ଷମ ହୋଇଥାନ୍ତି । ଗବେଷଣାରୁ ଏହା ସୁସ୍ପଷ୍ଟ ଯେ କର୍ମ ସମ୍ବନ୍ଧିତ ଶୈକ୍ଷିକ ଅଭିଜ୍ଞତା ପିଲାର ବିକାଶରେ ଅଧିକ ପ୍ରଭାବୀ ଓ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହା ଏକ ଧର୍ମନିରପେକ୍ଷ ଓ ଗଣତନ୍ତ୍ରିକ କାର୍ଯ୍ୟ ସୃଷ୍ଟି କରିଥାଏ; ଯାହା ଭାରତୀୟ ସମାଜରେ ବିଭିନ୍ନ ରୂପ ଓ ବିଭିନ୍ନ କ୍ଷେତ୍ରରେ ବିଦ୍ୟମାନ ରହିଛି ତଥା ଶିକ୍ଷାକୁ ପ୍ରାସଙ୍ଗିକ ଓ ଅର୍ଥପୂର୍ଣ୍ଣ କରିଛି । ଏହା ମଧ୍ୟ ଛାତ୍ରଛାତ୍ରୀଙ୍କୁ ସାମାଜିକ ସାଂସ୍କୃତିକ ପ୍ରସଙ୍ଗ ସହ ସମ୍ବନ୍ଧିତ କରୁଛି । ଶିକ୍ଷାର ବାସ୍ତବ ଓ ଆଦର୍ଶ ଦାୟିତ୍ୱ ହେଲା ପିଲାମାନଙ୍କୁ ଜୀବନର ଆହ୍ୱାନଗୁଡ଼ିକୁ ସାମ୍ନା କରିବାକୁ ପ୍ରସ୍ତୁତ କରିବା । ଏହି ଲକ୍ଷ୍ୟ ହାସଲ ପାଇଁ ଜୀବନ, ହସ୍ତଶିଳ୍ପ ଓ ଅନ୍ୟାନ୍ୟ କାର୍ଯ୍ୟ ଦକ୍ଷତା ସହ ସମ୍ବନ୍ଧିତ କୌଶଳକୁ ଶିକ୍ଷା ଜରିଆରେ ମହତ୍ୱ ପ୍ରଦାନ କରାଯିବା ଉଚିତ; ଯାହା ପିଲାମାନଙ୍କୁ ଜୀବନର ଚାହିଦା ଓ ଆହ୍ୱାନକୁ ସାମ୍ନା କରିବା ପାଇଁ ସକ୍ଷମ କରାଇବ ଏବଂ ସକାରାତ୍ମକ ବିକାଶ ନିମନ୍ତେ ସହାୟକ ହେବ । ପୁସ୍ତକସ୍ଥ ଜ୍ଞାନ ପରିସୀମାରୁ ବାହାରି ପିଲାମାନେ ଯେତେବେଳେ କାର୍ଯ୍ୟର ବିଶ୍ୱରେ ପ୍ରବେଶ କରିବେ ଏହା ସେତେବେଳେ କେବଳ ସମ୍ଭବ ହୋଇପାରିବ ।

କର୍ମ ସହ ସମ୍ପର୍କ ପିଲାମାନଙ୍କୁ ସେମାନଙ୍କ ସାମାଜିକ ଓ ପ୍ରାକୃତିକ ପରିବେଷ୍ଟନୀ ସହ ନିବିଡ଼ କରାଏ, ପ୍ରାକୃତିକ ସମ୍ବଳ ସହ ପରିଚିତ କରାଏ ଏବଂ ଆଗାମୀ ବୃତ୍ତିଗତ ଜୀବନ ପାଇଁ ପ୍ରସ୍ତୁତ କରାଏ । କାର୍ଯ୍ୟ ଆଧାରିତ ସାମାଜୀକିକରଣ ପ୍ରକ୍ରିୟା ପିଲାମାନଙ୍କୁ ସାମାଜିକ ସମ୍ପର୍କର ବିଭିନ୍ନ ଧାରା ସହ ଯୋଡିଥାଏ । ବୋଧହୁଏ ତୁମେ ଧ୍ୟାନ ଦେଉଥିବ ଯେ ବିଳାସପୂର୍ଣ୍ଣ ସାମାଜିକ ଓ ଆର୍ଥିକ ଶ୍ରେଣୀର ହୋଇଥିବା କାରଣରୁ ଯେଉଁ ପିଲାମାନେ କାର୍ଯ୍ୟର ବିଶ୍ୱ ସହ ଅପରିଚିତ ଥାଆନ୍ତି ସେମାନେ ଅନେକ ଆବଶ୍ୟକ ଓ ଅନାବଶ୍ୟକ ସୂଚନା ଜାଣିଥାନ୍ତି ସତ ମାତ୍ର ବିଭିନ୍ନ ବୃତ୍ତିରେ କାର୍ଯ୍ୟ କରୁଥିବା ପିଲାମାନଙ୍କ ତୁଳନାରେ କମ୍ ଜାଣିଥାନ୍ତି ।

ପୂରା ଶୈକ୍ଷିକ ନିର୍ଘଣ୍ଟରେ କାର୍ଯ୍ୟକୁ ସାମିଲ କରିବା ଦ୍ୱାରା ଏହା ପ୍ରତ୍ୟେକ ପରିସ୍ଥିତିରେ ପିଲାମାନେ

-ଗୋଷ୍ଠୀ ସମ୍ବଳ ସଂକ୍ରାନ୍ତରେ ଅର୍ଥପୂର୍ଣ୍ଣ ଜ୍ଞାନଲାଭ କରିବାରେ ସକ୍ଷମ ହେବେ

-ଏକ ଗୁଣାତ୍ମକ ଜୀବନ ନିମନ୍ତେ ସକ୍ଷମ କରାଇବାକୁ ଦକ୍ଷତା ଶିକ୍ଷା କରିବା

-ସ୍ଥାନୀୟ ଅର୍ଥନୀତିରେ ଉପଲବ୍ଧ ଏକ ଜୀବିକା ପର୍ଯ୍ୟବେକ୍ଷଣ କରିବାରେ ଦକ୍ଷତା ବିକାଶ

-କର୍ମ ସହିତ ଉଚ୍ଚଶିକ୍ଷା ସମାପ୍ତ କରିବା ପାଇଁ ସୁଯୋଗ ପ୍ରାପ୍ତ ହୁଅନ୍ତି



ଟିପ୍ପଣୀ

-କଠିନ ପରିଶ୍ରମ ଦ୍ୱାରା ସମ୍ପାଦନ କରାଯାଉଥିବା କର୍ମ ନିମନ୍ତେ ଗର୍ବ ଅନୁଭବ କରନ୍ତି

-ବିଦ୍ୟାଳୟ ନିର୍ଘଣ୍ଟରେ ସୃଜନାତ୍ମକ ପରିବର୍ତ୍ତନ ଚିହ୍ନଟ କରିବା ।

ଶ୍ରମର ସମ୍ମାନ (ମର୍ଯ୍ୟାଦା)କୁ ଗ୍ରହଣ କରୁନଥିବା ଶୈକ୍ଷିକ ଅନୁଷ୍ଠାନ  ନିଜ ଦେଶର ବୌଦ୍ଧିକ, ସାଂସ୍କୃତିକ ଓ ଐତିହାସିକ ବିଚାରଧାରାରୁ ବଞ୍ଚିତ ପିଲା ତିଆରି କରିଥାନ୍ତି । କର୍ମ ରହିତ ଶିକ୍ଷା ପିଲାମାନଙ୍କୁ ଅଯୌକ୍ତିକ ସୂଚନାମାନ ଯୋଗାଏ ମାତ୍ର ଏହା ସୃଜନାତ୍ମକ ତଥା ଦାୟିତ୍ୱବାନ ନାଗରିକ ଗଢ଼ି ପାରିନଥାଏ ।

## ୧୨.୩.୧ କର୍ମ ଶିକ୍ଷାର ଧାରଣା ଓ ଅର୍ଥ

ପ୍ରତ୍ୟେକ ରାଷ୍ଟ୍ରରେ ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଏପରି ଶୈକ୍ଷିକ ବ୍ୟବସ୍ଥା ବିକାଶ କରିବା ଯାହା ତାହାର ନାଗରିକଙ୍କୁ ଜୀବନ ବ୍ୟାପୀ ଆବଶ୍ୟକ ହେଉଥିବା ମେଧା ଓ ଦକ୍ଷତା ବିକାଶ ପାଇଁ ସୁଯୋଗ ପ୍ରଦାନ କରିବ । ଏହା ନିର୍ଦ୍ଧାରଣ କରିବା ବାଧ୍ୟତାମୂଳକ ଯେ ଶିକ୍ଷା ସହ ଶାରୀରିକ ଶ୍ରମକୁ ସଂଯୁକ୍ତ କରାଯିବା ଉଚିତ ଅର୍ଥାତ୍ କର୍ମ ଶିକ୍ଷାକୁ ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ କରାଯିବା ଆବଶ୍ୟକ ।

କର୍ମ ଶିକ୍ଷା ଏକ ଉଦ୍ଦେଶ୍ୟମୂଳକ ଓ ଅର୍ଥପୂର୍ଣ୍ଣ ଶାରୀରିକ ଶ୍ରମ ଭାବରେ ଗଣନା କରାଯାଏ; ଯାହା ଶୈକ୍ଷିକ ପ୍ରକ୍ରିୟାର ଅନ୍ତର୍ନିହିତ ଅଂଶଭାବେ ଆୟୋଜନ କରାଯାଇଥାଏ । ଏହା ଅର୍ଥପୂର୍ଣ୍ଣ ଦ୍ରବ୍ୟ ଓ ଗୋଷ୍ଠୀ ସେବାର ସ୍ରଷ୍ଟା ଭାବେ ବିବେଚିତ; ଯେଉଁଥିରେ ପିଲାମାନେ ସେମାନଙ୍କ ସନ୍ତୋଷ ଓ ଆନନ୍ଦର ଅଭିଜ୍ଞତାକୁ ଆବଣ୍ଟନ କରନ୍ତି । କର୍ମ ଶିକ୍ଷା ଜ୍ଞାନ ସମେତ ବୁଝାମଣା, ଶୈକ୍ଷିକ କ୍ରିୟାକଳାପରେ ବ୍ୟାବହାରିକ ଦକ୍ଷତା ଉପରେ ଗୁରୁତ୍ୱ ପ୍ରଦାନ କରେ । କର୍ମ ଶିକ୍ଷା ଅବଧାରଣା ନିମ୍ନ ଲିଖିତ କାରକଗୁଡ଼ିକ ମାଧ୍ୟମରେ ଭଲଭାବେ ବୁଝିହେବ:-

-ଏହା ହସ୍ତ ଓ ମସ୍ତିଷ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରେ ।

-ସାମାଜିକ ଦୃଷ୍ଟିରୁ ଦରକାରୀ ଶାରୀରିକ ଶ୍ରମ ଶୈକ୍ଷିକ କ୍ରିୟାକଳାପରେ ଅନ୍ତର୍ନିହିତ ଅଟେ ।

-ଶିକ୍ଷଣ ପ୍ରକ୍ରିୟାରେ ଏହା ଏକ ଆବଶ୍ୟକ ଓ ମହତ୍ୱପୂର୍ଣ୍ଣ କାରକ ।

-ଏହା ଗୋଷ୍ଠୀ ପାଇଁ ଦରକାରୀ ସେବା ଓ ଉତ୍ପାଦକ କାର୍ଯ୍ୟ ରୂପରେ ଦୃଶ୍ୟମାନ

-ବହୁ ସ୍ତରୀୟ ଶିକ୍ଷା ପ୍ରଣାଳୀର ଶିକ୍ଷାର ସମସ୍ତ ଦିଗ ସହ ଏହା ଆବଶ୍ୟକ କାରକଭାବେ ସମ୍ବନ୍ଧିତ

-ଏହା କର୍ମ ସମ୍ପାଦନ ଦ୍ୱାରା ଶିକ୍ଷଣ ସିଦ୍ଧାନ୍ତ ଆଧାରିତ ।

କର୍ମ ଶିକ୍ଷାରେ ଅନ୍ତର୍ନିହିତ କ୍ରିୟାକଳାପ:-

-ଦକ୍ଷତା ବିକାଶ ଯଥା- ସମସ୍ୟାର ସମାଧାନ, ଚରମ ଚିନ୍ତନ ଏବଂ ନିଷ୍ପତ୍ତି ଗ୍ରହଣ

-ସମସ୍ତ ବିଷୟରେ ଶିକ୍ଷାଦାନ କରୁଥିବା ଶିକ୍ଷକଙ୍କ ଭାଗିଦାରୀ ଆହ୍ୱାନ

-ଛାତ୍ରଛାତ୍ରୀଙ୍କ ଆବଶ୍ୟକତା, ଆଗ୍ରହ ଏବଂ ଦକ୍ଷତା ଆଧାରିତ

-ଶିକ୍ଷାର ବିଭିନ୍ନ ସ୍ତର ଅନୁଯାୟୀ ଛାତ୍ରଛାତ୍ରୀଙ୍କ କ୍ଷମତାର ବିକାଶ କରିବା

-ବ୍ୟକ୍ତିତ୍ୱ ବିକାଶରେ ସହାୟତା ପ୍ରଦାନ

-ଉତ୍ପାଦନରେ ବୃତ୍ତିଗତ ପ୍ରସ୍ତୁତି ଓ ଦକ୍ଷତା ବିକାଶ ଓ ବୃଦ୍ଧି

ଟିପ୍ପଣୀ

-ବିଭିନ୍ନ ଉପକରଣ, କୌଶଳ, ପଦ୍ଧତି, ସାମଗ୍ରୀ ଓ ବସ୍ତୁ ସହ ଭାବବିନିମୟ ପାଇଁ ସୁଯୋଗ ପ୍ରଦାନ

-ଗୋଷ୍ଠୀ ସେବା ସଂକ୍ରାନ୍ତ ସ୍ଥିତି ଜାଣିବା ନିମନ୍ତେ ସୁଯୋଗ ପ୍ରଦାନ

-କର୍ମ ଜଗତ ସହ ପରିଚିତ କରିବ ।

**ସଫଳ କର୍ମ ଶିକ୍ଷା ପାଇଁ ଆବଶ୍ୟକ କାରକ**

-ବିଶାଳମନା ହେବା

-ଶ୍ରମର ମର୍ଯାଦା ଏବଂ ସକାରାତ୍ମକ ଦୃଷ୍ଟିକୋଣ

-ଗୋଷ୍ଠୀ ଓ ବିଦ୍ୟାଳୟ ମଧ୍ୟରେ ସକାରାତ୍ମକ ସମ୍ପର୍କ

-ସହଯୋଗ ଭାବନା

-କାଳ୍ପନିକ ଓ ସୃଜନାତ୍ମକ ଭାବନା

**ରବୀନ୍ଦ୍ରନାଥ ଠାକୁରଙ୍କ ଭାଷାରେ-**

"ସାଂସ୍କୃତିକ ପୁନଃଜାଗରଣ ନିମନ୍ତେ ଶିକ୍ଷାକୁ ଶାରୀରିକ ଶ୍ରମଠାରୁ ପୃଥକ କରାଯାଇନପାରେ । ନିଜସ୍ୱ ନିର୍ଦ୍ଦିଷ୍ଟ ଗୋଷ୍ଠୀରୁ ବାହାରି ପ୍ରତ୍ୟେକ ବିଦ୍ୟାର୍ଥୀ ମାନବଜାତିର କିଛି ସେବା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଉଚିତ । ଅଭିଜ୍ଞତା ଆମ ମସ୍ତିଷ୍କର ଝରକା ହୋଇଥିବା କାରଣରୁ କର୍ମକୁ ଶିକ୍ଷାର ଏକ ମାଧ୍ୟମ ରୂପରେ ଗ୍ରହଣ କରାଯିବା ଉଚିତ ।"

ଉପର ବର୍ଣ୍ଣିତ ଆଧାର ଅନୁସାରେ ତୁମେ କର୍ମ ଶିକ୍ଷାର ଧାରଣା ଓ ଅର୍ଥ ଜାଣିପାରିଥିବ । କର୍ମ ଶିକ୍ଷା ଶାରୀରିକ ଶ୍ରମ ଜରିଆରେ କରାଯାଉଥିବା ଏକ ଉଦ୍ଦେଶ୍ୟମୂଳକ, ଅର୍ଥପୂର୍ଣ୍ଣ କ୍ରିୟାକଳାପ; ଯାହା ବିଦ୍ୟାଳୟ ପାଠ୍ୟକ୍ରମର ସମସ୍ତ ସ୍ତରରେ ଏକ ସଂଗଠିତ ଓ ବ୍ୟବସ୍ଥିତ ଢଙ୍ଗରେ ସାମିଲ ଏବଂ ଏକ ଉତ୍ପାଦ କିମ୍ବା ସାମାଜିକ ସେବା ଭାବରେ ଦୃଶ୍ୟମାନ ଅଟେ ।

## ୧୨.୩.୨ କର୍ମ ଶିକ୍ଷାର ଗୁରୁତ୍ୱ

ବ୍ରିଟିଶ ସାମ୍ରାଜ୍ୟଠାରୁ ସ୍ୱାଧୀନତା ପାଇବା ପୂର୍ବରୁ ୧୯୦୬ରେ ଭାରତୀୟ ଜାତୀୟ କଂଗ୍ରେସ ପିଲାମାନଙ୍କ ପାଇଁ ଜାତୀୟ ଶିକ୍ଷାନୀତିର ଆବଶ୍ୟକତା ବିଷୟ ଉପସ୍ଥାପନ କରିଥିଲା । ଏହି ସମସ୍ୟାର ସମାଧାନ ଏପରି ଏକ ଶିକ୍ଷା ନୀତି ଥିଲା; ଯାହା ଜାତୀୟ କଲ୍ୟାଣର ସଂରକ୍ଷଣ, ଜାତୀୟ ଲକ୍ଷ୍ୟ ହାସଲ ପଥ ଅନୁସରଣ, ମୌଳିକ ସ୍ତର ଆଧାରରେ ସମାଜର ଆବଶ୍ୟକତାକୁ ବିଚାର କରି ସେଗୁଡ଼ିକୁ ପୂରଣ କରିବା ଏବଂ ସାହିତ୍ୟ, ବିଜ୍ଞାନ, କଳା ଓ ପ୍ରଯୁକ୍ତି ବିଦ୍ୟା ଜରିଆରେ ସମ୍ଭାବ୍ୟ ବିକାଶ ସାଧନ କରିପାରିବ । ଏହି ପ୍ରକାରର ଏକ ଶିକ୍ଷା ପ୍ରଣାଳୀ କଳ୍ପନା କରାଗଲା; ଯାହା ଭାଙ୍ଗିପଡୁଥିବା ସମାଜକୁ ଯୋଡ଼ିପାରିବ । ଯାହା ଅବକ୍ଷୟମୁଖୀ ସାମାଜିକ ମୂଲ୍ୟବୋଧ ମାଳାରେ ଅନ୍ତଃସ୍ଥାପିତ ହୋଇଥିବ ଏବଂ କର୍ମ ଓ ଶିକ୍ଷା ମଧ୍ୟରେ ଥିବା ଶୂନ୍ୟସ୍ଥାନକୁ ପୂରଣ କରିପାରିବ ।

କର୍ମ ଶିକ୍ଷାକୁ ଏହି ଲକ୍ଷ୍ୟ ହାସଲ ପାଇଁ ଏକ ବୃହତ୍ ଆବଶ୍ୟକତା ଭାବରେ ଦେଖାଯାଇଥିଲା । କର୍ମ ଶିକ୍ଷାର ଗୁରୁତ୍ୱ ନିମ୍ନଲିଖିତ ଦୃଷ୍ଟିକୋଣ ଅନୁସାରେ ବୁଝାଯାଇପାରେ ।

୧-ସେମାନଙ୍କ ଶରୀରର ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ଏହା ନିୟମିତ ଅଭ୍ୟାସ ଓ ସକାରାତ୍ମକ ଦୃଷ୍ଟିଭଙ୍ଗୀ ବିକାଶ କରାଏ ।

୨-ସମ୍ବେଦନଶୀଳତା ଏବଂ ଏହାର ପରିବେଶ ସଂକ୍ରାନ୍ତରେ ଜାଗରଣ ଆଣିବା ତଥା ମାନବଜାତି ଓ ପରିବେଶ ମଧ୍ୟରେ ଆନ୍ତଃ ସମ୍ପର୍କ ବୁଝାମଣା ବିକଶିତ କରିବା ।

୩- ଶାରୀରିକ କର୍ମ ଓ ଶ୍ରମର ଗୁରୁତ୍ୱକୁ ବୁଝିବା ଓ ତହିଁରେ ଗର୍ବ ଅନୁଭବ କରିବା ଭାବର ବିକାଶ କରିବ ।

୪-ଏହା ସାମାଜିକ ଦୃଷ୍ଟିରୁ ଗ୍ରହଣୀୟ ମୂଲ୍ୟବୋଧର ବିକାଶରେ ସହାୟତା କରେ । କେବଳ ପୁସ୍ତକ ପାଠ କଲେ ବା ପ୍ରବଚନ ଶ୍ରବଣକଲେ ନିୟମିତତା, ସମୟାନୁବର୍ତ୍ତିତା, ପରିଛନ୍ନତା, ଆତ୍ମ ସଂଯମତା, ପରିଶ୍ରମ ପ୍ରବଣତା, ଦାୟିତ୍ୱବାନ, ସେବା ଭାବନା, ଉତ୍ତରଦାୟିତ୍ୱ ଭାବନା, କର୍ମଠତା, ସମାନତା, ଭ୍ରାତୃତ୍ୱଭାବ ଇତ୍ୟାଦି ପ୍ରତି ସମ୍ବେଦନଶୀଳତା ବିକଶିତ ହୋଇପାରେ ନାହିଁ; ମାତ୍ର ଛାତ୍ରଛାତ୍ରୀ ପରସ୍ପର ମଧ୍ୟରେ ଯେତେବେଳେ ବିଭିନ୍ନ କ୍ରିୟାକଳାପ ସମ୍ପାଦନ କରନ୍ତି ଏହିସବୁ ଭାବନା ବିକଶିତ ହୋଇଥାଏ । ଫଳରେ ସାମାଜିକ ଦୃଷ୍ଟିରୁ ଗ୍ରହଣୀୟ ସୁନାମ/ମୂଲ୍ୟବୋଧ ସ୍ୱାଭାବିକଭାବରେ ବିକଶିତ ହୋଇଥାଏ ।

୫-କର୍ମ ଶିକ୍ଷା ପୋଷଣ, ଖାଦ୍ୟ, ରୋଗ ସଂକ୍ରମଣ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରେ । ଗୋଷ୍ଠୀ ପରିଛନ୍ନତା ବଜାୟ ରଖିବାକୁ ସେମାନେ କର୍ମ ଶିକ୍ଷା ଜରିଆରେ ସତର୍କ ଓ ସଚେତନ ହୋଇଥାନ୍ତି ।

୬-ଆତ୍ମ-ଅଭିବ୍ୟକ୍ତି ଏବଂ ସୃଜନାତ୍ମକ ଗୁଣକୁ ଏହା ପୋଷିତ କରେ । ପ୍ରତ୍ୟେକ ପିଲାଠାରେ ସ୍ୱାଭାବିକ ପ୍ରକ୍ରିୟା ଭାବରେ ସୃଜନାତ୍ମକ ଓ କଳାତ୍ମକ ଅଭିବ୍ୟକ୍ତିର ସମ୍ଭାବନା ରହିଛି । କାର୍ଯ୍ୟ ଶିକ୍ଷା କଳାତ୍ମକ କ୍ରିୟାକଳାପକୁ ସଂଗଠିତ କରିବା ପରେ ବ୍ୟକ୍ତିଗତ ସ୍ତରରେ ଆତ୍ମ ଅଭିବ୍ୟକ୍ତି ନିମନ୍ତେ ସୁଯୋଗ ପ୍ରଦାନ କରିଥାଏ ।

୭- ଏହା ସ୍ଥାନୀୟ ଏବଂ ଜାତୀୟ ସାଂସ୍କୃତିକ ବିଚାରଧାରାର ସଂରକ୍ଷଣର ଭାବନାକୁ ପ୍ରଶଂସା କରିବାର ଦକ୍ଷତାକୁ ପୋଷିତ କରାଏ ।

୮-ନେତୃତ୍ୱ ଓ ନେତୃତ୍ୱ ଦକ୍ଷତା ଭାବନା ସୃଷ୍ଟିରେ ଏହା ସାହାଯ୍ୟ କରିଥାଏ । କେତେକ ପିଲା ସ୍ୱାଭାବିକଭାବରେ ଅନ୍ତର୍ମୁଖୀ ଥାଆନ୍ତି ଏବଂ ଆରମ୍ଭ କରିବାକୁ କୁଣ୍ଠାବୋଧ କରନ୍ତି । କର୍ମ ଶିକ୍ଷା ସେହି ଅଭିଜ୍ଞତା ଯୋଗାଇଥାଏ, ଫଳରେ ନେତୃତ୍ୱ ସହଜ କ୍ରିୟାକଳାପ ଜରିଆରେ ବିକଶିତ ଓ ସୁଦୃଢ଼ ହୋଇପାରେ ।

**୯**-ଅତ୍ୟାବଶ୍ୟକ ଜୀବନ କୌଶଳର ବିକାଶ:- ଶିକ୍ଷାର ପ୍ରକୃତ ଓ ଆଦର୍ଶ ଦାୟିତ୍ୱ ହେଲା ପିଲାଙ୍କୁ ଜୀବନର ଆହ୍ୱାନଗୁଡ଼ିକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ କରିବା । କର୍ମ ଶିକ୍ଷା ଆବଶ୍ୟକ ଜୀବନ କୌଶଳ ଯଥା- ସମସ୍ୟା ସମାଧାନ, ନିଷ୍ପତ୍ତି ଗ୍ରହଣ, ସୃଜନାତ୍ମକ ଚିନ୍ତନ, ସହୃଦୟତା, ପ୍ରଭାବୀ ଯୋଗାଯୋଗ ଆଦି ବିକାଶ କରିବାରେ ସହାୟତା କରେ ଏବଂ ପିଲାମାନଙ୍କୁ ଦୈନନ୍ଦିନ ଜୀବନର ଚାହିଦା ଓ ଆହ୍ୱାନଗୁଡ଼ିକୁ ଉପଯୁକ୍ତ ଭାବରେ ସମ୍ମୁଖୀନ ହେବାକୁ ସକ୍ଷମ କରାଏ ।

୧୦-ଶିକ୍ଷା ସହ କର୍ମର ସମ୍ପର୍କ ପ୍ରତିଷ୍ଠା କରେ:- କର୍ମ ଶିକ୍ଷା ବିଭିନ୍ନ କାର୍ଯ୍ୟ ସ୍ଥିତିକୁ ଜାଣିବା ଏବଂ ସେଥିରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରେ । ଏହା କର୍ମଚାରୀଙ୍କ କାର୍ଯ୍ୟ ଓ ନିର୍ଘଣ୍ଟ ଜାଣିବାକୁ ଅଭିପ୍ରେରିତ କରେ ।

୧୧-ବିଦ୍ୟାଳୟ ଓ ଗୋଷ୍ଠୀ ସମ୍ପର୍କ:- ପୂରା ବିଦ୍ୟାଳୟ କାର୍ଯ୍ୟକ୍ରମରେ କର୍ମ ଶିକ୍ଷା ସମ୍ଭବତଃ ଏପରି ଏକ କାର୍ଯ୍ୟକ୍ରମ ଯାହା ବିଦ୍ୟାଳୟକୁ ସମାଜର ଫଳପ୍ରଦ ଭାବେ ନିକଟତର କରାଏ । କର୍ମ ଶିକ୍ଷା ଗୋଷ୍ଠୀର ସାଂସ୍କୃତିକ ଓ ସାମାଜିକ ପୃଷ୍ଠଭୂମିର ପ୍ରତ୍ୟେକ ସ୍ଥିତିର ଯତ୍ନ ନେଇଥାଏ । ଏହା କାରିଗରଙ୍କୁ ସେମାନଙ୍କ ପ୍ରତିଭା ଓ କଳା ପ୍ରଦର୍ଶନ ପାଇଁ ଆମନ୍ତ୍ରଣ କରିଥାଏ ।

## ୧୨.୪ ସାରାଂଶ

ଯେକୌଣସି ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ପୃଷ୍ଠଭୂମିର ସମସ୍ତ ପିଲାଙ୍କ ଶିକ୍ଷାରେ କାର୍ଯ୍ୟର ଶୈକ୍ଷିକ ଗୁରୁତ୍ୱ ରହିଛି । ଯେଉଁ ଶିକ୍ଷା ପ୍ରଣାଳୀରେ କର୍ମ ଓ ଜ୍ଞାନ ପୃଥକ ପୃଥକ ପଥ ଗ୍ରହଣ କରିବାକୁ ପ୍ରଚେଷ୍ଟା କରନ୍ତି ତାହା କେବେ ସମାଜ ସହ ଯୋଡ଼ି ହୋଇପାରେନା; ବରଂ ଏହା ସମାଜ ଓ ଶୈକ୍ଷିକ ଅନୁଷ୍ଠାନ ମଧ୍ୟରେ ବ୍ୟବଧାନ ବ୍ୟାପକ କରିଥାଏ । ବୋଧହୁଏ ଏହା ହେଉଛି ମୁଖ୍ୟ କାରକ ଯାହା କର୍ମ ଓ ଶିକ୍ଷା ମଧ୍ୟରେ ସଂଯୋଗର ଅଭାବରୁ ପିଲାମାନଙ୍କୁ

ଟିପ୍ପଣୀ

ଆବଶ୍ୟକ ଜୀବନ କୌଶଳରୁ ବଞ୍ଚିତ କରେ । ଶାରୀରିକ ଶ୍ରମ ଓ ଫଳପ୍ରଦ କାର୍ଯ୍ୟକୁ ବିଦ୍ୟାଳୟ ପାଠ୍ୟକ୍ରମର ଏକ ଉଚ୍ଚ ଆସନରେ ସ୍ଥାନିତ କରିବା ଅର୍ଥ ହେଲା ଶିକ୍ଷାକୁ ଜୀବନ ପାଇଁ ଅର୍ଥପୂର୍ଣ୍ଣ, ତର୍କସଂଗତ ଏବଂ ଦରକାରୀ କରିବା । ବାସ୍ତବ ଜୀବନ ସ୍ଥିତିରେ କର୍ମର ଉତ୍ପାଦନ ସହ ସମ୍ପର୍କ ରହିଛି ତାହା କେବଳ ପିଲାମାନଙ୍କୁ ଶିକ୍ଷଣ ପ୍ରକ୍ରିୟାରେ ନିୟୋଜିତ କରିବାର ଶୈକ୍ଷିକ ମହତ୍ୱ ନୁହେଁ, ବରଂ ଏହା ଜ୍ଞାନ ପ୍ରଦାନ ଏବଂ ସ୍ୱାଭାବିକ ଭାବରେ ଜୀବନ କୌଶଳ ବିକାଶ କରାଏ । ଶିକ୍ଷା ଓ କର୍ମର ସଂଯୋଗ ସହ ତୁମେ କାର୍ଯ୍ୟ ଶିକ୍ଷାରେ ଜ୍ଞାନର ଲକ୍ଷ୍ୟ, ଜୀବନ କୌଶଳ ଏବଂ ମୂଲ୍ୟବୋଧକୁ ଅନୁଭବ କରିପାରିବ । କର୍ମ ଶିକ୍ଷାର ମନୋବୈଜ୍ଞାନିକ ଏବଂ ସାମାଜିକ ଆଧାର ରହିଛି । ଏହା ବିଦ୍ୟାର୍ଥୀଙ୍କୁ ଆନନ୍ଦ ପ୍ରଦାନ କରେ । କେବଳ ପୁସ୍ତକଗତ ଜ୍ଞାନ ପିଲାମାନଙ୍କଠାରେ ଶିକ୍ଷା ପ୍ରତି ଅନାଗ୍ରହ ଭାବ ସୃଷ୍ଟି କରେ; ଅନ୍ୟପଟେ କାର୍ଯ୍ୟସାଧନ ଜରିଆରେ ଶିକ୍ଷଣ ଏହାକୁ ପୁନଃ ଉଜ୍ଜୀବିତ କରାଏ ।

କର୍ମ ଶିକ୍ଷା ନିଜର, ପରିବାରର ଓ ସମାଜର ଆବଶ୍ୟକତା ଜାଣିବାରେ ପିଲାମାନଙ୍କୁ ଉତ୍ସାହିତ କରେ । ଶିକ୍ଷାର ଏକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହେଲା ପିଲାମାନଙ୍କ ଠାରେ ଶ୍ରମିକଙ୍କ ପ୍ରତି ସମ୍ମାନ ଓ ଶ୍ରମ ପ୍ରତି ମର୍ଯ୍ୟାଦା ପ୍ରଦାନ ଭାବନା ସୃଷ୍ଟି କରିବା ।

## ୧୨.୫ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


1. Gandhi M.K. (1953) Towards New Education, Navjeevan Publishing House, Ahmedabad.
2. Indian Government (1986) National Policy on Education (1986) and programmes for taking steps 1986, Ministry of Human Resource Development, New Delhi.
3. Gujrat New Education Association (2000-2002), New Education Association, Gujrat Vidyapeeth, Ahmedabad.
4. National Council of Educational Research and Technology, New Delhi (1979) National Curriculum Frame Work for Ten years, New Delhi.


## ୧୨.୬. ପାଠାନ୍ତ ପ୍ରଶ୍ନାବଳୀ

୧- ପ୍ରାଥମିକ ସ୍ତରର ଶିକ୍ଷଣରେ ଶିଶୁଙ୍କଠାରେ ସାମାଜିକ ଦୃଷ୍ଟିକୋଣରୁ ଆବଶ୍ୟକ ଗୁଣ ବିକଶିତ ହେବା ନିମନ୍ତେ ତୁମେ କେଉଁ ବିଷୟଗୁଡ଼ିକୁ ସୁପାରିଶ କରିବ ? ଏହାର କାରଣଗୁଡ଼ିକୁ ଲେଖ ।

୨- କର୍ମ ଶିକ୍ଷା ସନ୍ଦର୍ଭରେ ଶ୍ରମର ଅର୍ଥ କ'ଣ ? କ୍ରିୟାକଳାପ ସମ୍ପର୍କିତ ଶିକ୍ଷାର କେଉଁ ଉପଯୋଗୀତା ଅଛି, ଯାହା କର୍ମ ଓ ହସ୍ତକର୍ମ ଆଧାରିତ ?

୩- ଜାତୀୟ ପାଠ୍ୟକ୍ରମ ନମୁନା, ୨୦୦୫ କିପରି ଭାବରେ କାର୍ଯ୍ୟ ଶିକ୍ଷାକୁ ଗୁରୁତ୍ୱ ପ୍ରଦାନ କରିଛି ? ବିଦ୍ୟାଳୟ ଶିକ୍ଷାରେ ଏହାକୁ କାହିଁକି ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉଛି ?

୪- ଜ୍ଞାନ, ବୁଝାମଣା ଓ ଦକ୍ଷତା ବିକାଶ ସନ୍ଦର୍ଭରେ କର୍ମ ଶିକ୍ଷାର ଉଦ୍ଦେଶ୍ୟଗୁଡ଼ିକୁ ବ୍ୟାଖ୍ୟା କର ?

୫- କର୍ମ ଶିକ୍ଷାକୁ ଶିକ୍ଷାର ଏକ ଆଗ୍ରହ ଓ ଅତ୍ୟାବଶ୍ୟକ କାରକ ଭାବେ ଗ୍ରହଣ କରାଯିବାର ସାମାଜିକ ଓ ମନୋବୈଜ୍ଞାନିକ ଆଧାର ଉଦାହରଣ ସହ ବୁଝାଅ ?

୬- କାହିଁକି ସାମ୍ପ୍ରତିକ ଶିକ୍ଷା ପ୍ରଣାଳୀ ଆଶାଜନକ ସ୍ଥାନ ଓ ସମୟ ଯୋଗାଇବାକୁ ଅକ୍ଷମ ?

୭- କର୍ମ ଶିକ୍ଷା ବିଷୟରେ ପିତାମାତା ଏବଂ ପିଲାମାନଙ୍କ ମନରେ କେଉଁ ଧରଣର ବିଭ୍ରାନ୍ତିକର ଧାରଣା ସବୁ ରହିଛି ? ସେସବୁର ଦୂରୀକରଣ ପାଇଁ ତୁମେ କେଉଁ ପଦକ୍ଷେପମାନ ଗ୍ରହଣ କରିବ ?